# Akashvani, Sambalpur

## SAMBALPURI NEWS BULLETIN

### 21 April 2024- 6.47- 6.52 am.

************************************************

ସାଧାରଣ ନିର୍ବାଚନ୍                    ଆର୍ଏନ୍ୟୁ /  ସମ୍ବଲପୁର

୩ ନମ୍ବର୍ ଖେପେ ଦେଶର୍ ୧୦ ଟା ରାଜ୍ୟ ଆର୍ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍ଥି ଆଏବା ମାସର୍ ୭ ତାରିଖ୍ ଦିନ ଭୋଟ୍ ହେବାର୍କେ ଯାଉଛେ । ଇ ଆସନ୍ମାନ୍କର୍ ଲାଗି ଦାଖଲ୍ ପ୍ରାର୍ଥୀପତ୍ରର୍ ଯାଂଚ୍ ଗଲାକାଏଲ୍ ସରିଛେ । ଆଏବାକାଏଲ୍ ସୋମ୍ବାର୍ ପ୍ରାର୍ଥୀପତ୍ର ଫିରେଇ ନେବାର୍ ଶେଷ୍ ତାରିଖ୍ ଧାରିଜ୍ ହେଇଛେ । ସେଆଡ଼େ ସାଧାରଣ ନିର୍ବାଚନ୍ର ୪ ନମ୍ବର୍ ଖେପେ ୯ ଟା ରାଜ୍ୟ ଆର୍ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ର ୯୬ ଟା ଲୋକ୍ସଭା ଆସନ୍ ଲାଗି ଭୋଟ୍ ଆଏବା ମାସର୍ ୧୩ ତାରିଖ୍ ଦିନ ହେବାର୍କେ ଯାଉଛେ । ଇ ୪ ନମ୍ବର୍ ଖେପର୍ ଭୋଟ୍ ଲାଗି ପ୍ରାର୍ଥୀପତ୍ର ଦାଖଲ୍ ପ୍ରକ୍ରିୟା ଆଏବା ୨୫ ତାରିଖ୍ ଦିନ ସର୍ବା । ସେଆଡ଼େ ୨ ନମ୍ବର୍ ଖେପେ ଇ ମାସର୍ ୨୬ ତାରିଖ୍ ଦିନ ୮୮

ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବାର୍‌କେ ଯାଉଛେ ।
ହେଥିର୍‌ଲାଗି ପ୍ରଚାର୍ ଅଭିଯାନ୍ ଜୋର୍ ଧରିଛେ ।

କଂଗ୍ରେସ୍ ପ୍ରାର୍ଥୀ ତାଲିକା ଏନ୍‌ଏସ୍‌ଡି/ ହିନ୍ଦୁସ୍ଥାନ୍ ସମାଚାର୍

ଭାରତୀୟ ଜାତୀୟ କଂଗ୍ରେସ୍ ତର୍‌ଫୁ ଓଡ଼ିଶାର୍ ୩ ଟା ଲୋକ୍‌ସଭା ଆର୍ ୧୬ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷ୍‌ନା କରାଯାଇଛେ । ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍ ଲୋକ୍‌ସଭା ଆସନ୍ ଲାଗି ଦୁଲାଲ୍ ଚନ୍ଦ୍ର ପ୍ରଧାନ୍‌ଙ୍କୁ କଂଗ୍ରେସ୍ ପ୍ରାର୍ଥୀ କରିଥିବାର୍ ବେଲେ ଆସ୍କା ଲୋକ୍‌ସଭା ଆସନ୍‌ଥୁ ଦେବକାନ୍ତ ଶର୍ମା କଂଗ୍ରେସ୍ ପ୍ରାର୍ଥୀ ଘୋଷିତ୍ ହେଇଛନ୍ । କେନ୍ଦୁଝର ଲୋକ୍‌ସଭା ଆସନ୍ ଲାଗି କଂଗ୍ରେସ୍ ଆଘୋନୁ ପ୍ରାର୍ଥୀ କରିଥିବା ମୋହନ୍ ହେମ୍ବମ୍‌ଙ୍କୁ ବଦ୍‌ଲେଇକରି ତାକର୍ ଜାଗା ନ ବିନୋଦ୍ ବିହାରୀ ନାଏକ୍‌ଙ୍କୁ ପ୍ରାର୍ଥୀ କରିଛେ । ସେନ୍ତା ୧୬ ଟା ବିଧାନ୍‌ସଭା ଆସନ୍ ଲାଗି କଂଗ୍ରେସ୍ ତର୍‌ଫୁ କରାଯାଇଥିବା ପ୍ରାର୍ଥୀ ତାଲିକାଥି ପର୍ଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ାନୁ ଅମିତା ବିଶ୍ୱାଲ ଆର୍ ବୌଦ୍ଧ ଜିଲ୍ଲାର୍ କଂଟାମାଲ୍‌ନୁ ଶରତ୍ ପ୍ରଧାନ୍ ପ୍ରାର୍ଥୀ ହେଇଛନ୍ । କଂଟାମାଲ୍ ଆସନ୍‌ନୁ କଂଗ୍ରେସ୍ ଆଘୋ ମନୋଜ

ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଥିବାର୍ ବେଲେ ତାଙ୍କୁ ବଦ୍ଲେଇକରି ଶତର୍ ପ୍ରଧାନ୍ଙ୍କୁ ପ୍ରାର୍ଥୀ କରିଛେ ।

ଏସ୍.ଭି.ଇ.ଇ.ପି. ଅଭିଯାନ୍ ପ୍ରେସ୍ ରିଲିଜ୍

ରାଏଜେ ବ୍ୟବସ୍ଥିତ ଭୋଟର୍ ଶିକ୍ଷା ଆର୍ ନିର୍ବାଚନ୍‌ଥି ଅଂଶଗ୍ରହଣ୍ ଏସ୍.ଭି.ଇ.ଇ.ପି. ଅଭିଯାନ୍ ଚାଲିଛେ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ମାଷ୍ଟର୍‌କେଂଟିନ୍ ଛକ୍‌ନ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଆର୍ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ୱାକ୍‌ଥନ୍ କାର୍ଯ୍ୟକ୍ରମ୍ ହେଇଥିଲା । ହେଥି ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଭୋଟର୍‌ମାନ୍‌କୁ ମତଦାତା ସଂକଳ୍ପ ପାଠ କରାବାର୍ ସଙ୍ଗେ ନୂଆଁକରି ଭୋଟ୍ ଦେବାର୍‌କେ ଯାଉଥିବା ଯୁଆନ୍ ପିଲା ଟୁକେଲ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମାଷ୍ଟର୍‌କେଂଟିନ୍ ଛକ୍‌ନୁ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ ମୁଖ୍ୟାଲୟତକ୍ ହେଇଥିବା ୱାକ୍‌ଥନ୍‌ଥି ୪ ଶହ ନୁ ଅଏତ୍‌କା ଭୋଟର୍ ସାମିଲ୍ ହେଇଥିଲେ ।

ପୁରୀ- ରଥଯାତ୍ରା ସମନ୍ୱୟ କମିଟି ବୈଠକ୍

ଆର୍‌ଏନ୍‌ୟୁ / କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ପହେଲା ସମନ୍ୱୟ କମିଟି ବୈଠକ୍ ଗଲାକାଏଲ୍ କେନ୍ଦ୍ରାଂଚଲ ରାଜସ୍ୱ ଆୟୁକ୍ତଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ରଥବନା ନୁ ନେଇକରି ରୋଡ୍‌ଘାଟ୍, ପିଇବାର୍ ପାଏନ୍ ଆର୍ ବିଦ୍ୟୁତ୍ ଯୋଗାଣ, ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଆଉ ପରିମଳ ବିଭାଗ୍‌ର ପ୍ରସ୍ତୁତିର୍ ସମୀକ୍ଷା କରାଯିବାର୍ ସଙ୍ଗେ ଇ ବଛର୍ ରଥ୍‌ଯାତ୍ରା ଯେନ୍ତା ଶାନ୍ତିଶୃଙ୍ଖଳାଥି ହେବା ହେବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ସଙ୍ଗେ ଇ ବଛର୍ ନବଯୌବନ, ନେତ୍ରୋତ୍ସବ ଆର୍ ରଥ୍‌ଯାତ୍ରା ଗୁଟେ ଦିନେ ପଡୁଥିବାର୍‌ନୁ ହେବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେଇଥିଲା ।

ସିୟୁଇଟି ୟୁଜି ପରୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା- ସିୟୁଇଟି ୟୁଜି ଆଏବା ମାସ ୧୫ ତାରିଖ୍‌ନୁ ମୁଲ୍ ହେବା । ଇ ପରୀକ୍ଷା ଲାଗି ଜାତୀୟ ପରୀକ୍ଷା ସଂସ୍ଥା - ଏନ୍‌ଟିଏ ତର୍‌ଫୁ ସୂଚୀ ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ମେ ୧୫ ନୁ ୨୪ ତାରିଖ୍‌ତକ୍ ଭିନ୍ ଭିନ୍ ୬୩ ଟା ବିଷୟର୍ ପରୀକ୍ଷା ହେବା ।

ଆଇଏଟି -୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଣ୍ଡ ରିସର୍ଚ୍ଚ - ଆଇଜର୍ ଇ ବଛର୍‌ନୁ ଜେଇଇ ଏଡ଼ଭାନ୍ସ ବଦ୍‌ଲା ନିଜର୍ ପ୍ରବେଶିକା ପରୀକ୍ଷା କର୍‌ବା ଆଉ ହେତାକେ ଆଇଜର୍ ଆପ୍‌ଟିଚ୍ୟୁଟ୍ ଟେଷ୍ଟ୍ - ଆଇଏଟି -୨୦୨୪ କୁହାଯିବା ବଲି ଆଇଜର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଇଜର୍‌ଥି ନାଁଲେଖା ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଥିବାର୍ ବେଲେ ଆଏବା ଜୁନ୍ ମାସର୍ ୯ ତାରିଖ୍ ଦିନ ପ୍ରବେଶିକା ପରୀକ୍ଷା ହେବା । ଯେନ୍‌ମାନେ ୨୦୨୨, ୨୦୨୩ ଆର୍ ୨୦୨୪ ମସିହାଥି ବିଜ୍ଞାନ୍ ଶ୍ରେଣୀର୍ ୧୨ କ୍ଲାସ୍ ପାସ୍ କରିଥିବେ ସେମାନେ ଆଇଜର୍‌ର ପ୍ରବେଶିକା ପରୀକ୍ଷାର୍ ଲାଗି ଯୋଗ୍ୟ ହେଇପାର୍‌ବେ ।

ଏସି ହେଲ୍‌ମେଟ୍ ବଂଟନ୍ ଆର୍‌ଏନ୍‌ୟୁ / କଟକ୍

ରାଏଜେ ଜବର୍ ଖରା ହେଉଥିବାର୍‌ନୁ ଭୁବ୍‌ନେଶ୍ୱର୍ - କଟକ୍ ପୁଲିସ୍ କମିଶନରେଟ୍ ତର୍‌ଫୁ କାମ୍‌ଥି ଲାଗିଥିବା ଟ୍ରାଫିକ୍ କର୍ମଚାରୀମାନ୍‌କୁ ଏସି ହେଲ୍‌ମେଟ୍ ଦିଆଯାଇଛେ । ଗଲାକାଏଲ୍

ପୁଲିସ୍ କମିଶନର୍ ସଞ୍ଜିବ ପଣ୍ଡା ଟ୍ରାଫିକ୍ ଡ୍ୟୁଟିଥି ଥିବା ପୁଲିସ୍ କର୍ମଚାରୀମାନ୍କୁ ଏସି ହେଲ୍ମେଟ୍ ଦେଇଥିଲେ । ହେ ଏସି ହେଲ୍ମେଟ୍ ଦିହିକେ ଥଣ୍ଡା ରଖିବାର୍ଥି ସାହାଜ୍ କର୍ବା ବଲି କୁହାଯାଇଛେ ।

ଇପିଏଫ୍ଓ                                  ଆର୍ଏନ୍ୟୁ /  ସମ୍ବଲପୁର

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ୍- ଇପିଏଫ୍ଓ ଇ ବଛର୍ ଫେବୃଆରୀ ମାସେ ୧୫ ଲାଖ୍ ୪୮ ହଜାର୍ ସଭ୍ୟଙ୍କୁ ଜୁଡ଼ିଛେ । ଗଲାକାଏଲ୍ ଇପିଏଫ୍ଓ ତର୍ଫୁ ଜାରି ତଥ୍ୟ ଅନ୍ସାରେ ଫେବୃଆରୀ ମାସେ ୭ ଲାଖ୍ ୭୮ ହଜାର୍ ଲୋକ୍ ନୂଆଁକରି ଇପିଏଫ୍ଓଥି ଜୁଡ଼ି ହେଇଛନ୍ । ସେମାନ୍କର୍ ଭିତ୍ରେ ୫୬ ଦଶ୍ମିକ୍ ୩/୬ ପ୍ରତିଶତ୍ ହେଉଛନ୍ ୧୮ ନୁ ୨୫ ବଛର୍ ବୟସର୍ ଲୋକ୍ ।

ଫାର୍ମାସିଷ୍ଟ ଲେବ୍ରୋଟେରୀ ଟେକ୍ନିସିଆନ୍        ତାଲିମ୍

ଆର୍ଏନ୍ୟୁ /  ସମ୍ବଲପୁର

ରାଜ୍ୟ ଶ୍ରମ ଆଉ ଇଏସ୍ଆଇ ବିଭାଗ୍ ତର୍ଫୁ ଭୁବ୍ନେଶ୍ୱର୍ ନ ରାଜ୍ୟର୍ ଇଏସ୍ଆଇ ହାସ୍ପାତାଲ୍ ମାନ୍କୁ କାମ୍ କରୁଥିବା ଫାର୍ମାସିଷ୍ଟ ଆର୍ ଲାବୋରେଟରୀ ଟେକ୍ନିସିଆନ୍ ମାନ୍କର୍ ୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ୩୬ ଝନ୍ ଫାର୍ମାସିଷ୍ଟ ଆର୍ ଲେବ୍ରୋଟେରୀ ଟେକ୍ନିସିଆନ୍ ଯୋଗ୍ ଦେଇଥିବା ଉଦ୍ଯାପନୀ ଉତ୍ସବ୍ଥି ଶ୍ରମ ବିଭାଗ୍ର ଶାସନ୍ ସଚିବ ଆର୍.ଏସ୍ ଗୋପାଲନ୍ ଆର୍ ଅତିରିକ୍ତ ଶାସନ୍ ସଚିବ ନିତୀରଞ୍ଜନ୍ ସେନ୍ ଯୋଗ୍ ଦେଇଥିଲେ । କର୍ମଶାଳାଥି ଭାଗ୍ ନେଇଥିବା ଫାର୍ମାସିଷ୍ଟ ଆର୍ ଲେବ୍ରୋଟେରୀ ଟେକ୍ନିସିଆନ୍ମାନ୍କୁ ପ୍ରମାଣ୍ ପତ୍ର ଦିଆଯାଇଥିଲା ।

ପାଣିପାଗ ଏନ୍ଏସ୍ଡି

ରାଏଜୁ ଆଏଜ୍ଠାନୁ ଗ୍ରୀଷ୍ମପ୍ରବାହ ଥିତି ଧିରେ ଧିରେ କମ୍ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ କୁହାଯାଇଛେ । ହେଲେ ଆଏବା ୨୪ ତାରିଖ୍ତକ୍ ରାଜ୍ୟର୍ କେତେ ଜାଗା ନ ଘଡ୍ଘଡ଼ି ଆର୍ ଚଡ଼କ୍ ମାର୍ବାର୍ ସଙ୍ଗେ ହଲ୍କାନୁ ମଧମ୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ

ଗଲାକାଏଲ୍ ପହେଲାକରି ବୌଦ୍ଧ ଆର୍ ବାରିପଦାର ତାତି ୪୫ ଡିଗ୍ରୀ ପାର୍ କରିଥିଲା । ଇ ଦୁହି ଜାଗା ନ ଗଲାକାଏଲ୍ ଦିନର୍ ସବୁନୁ ଜହ ତାତି ୪୫ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଥିଲା ।